# ସୁଖଦ ଲାଳନପାଳନ







ମହିଳା ଓ ଶିଶୁ ବିକାଶ ବିଭାଗ,
ଓଡ଼ିଶା ସରକାର

Van Leer
FOUNDATION

ସହାୟତା: ଭାନ୍ ଲିୟର୍ ଫାଉଣ୍ଡେସନ

## ଶ୍ରୀମତୀ ପ୍ରଭାତୀ ପରିଡ଼ା

ଉପ-ମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ଓଡିଶା



## ବାର୍ତ୍ତା

ମସ୍ତିଷ୍କ ହେଉଛି ମାନବ ଶରୀରର ନିର୍ଦ୍ଦେଶ କେନ୍ଦ୍ର । ଜନ୍ମରୁ ତିନି ବର୍ଷ ବୟସ ସମସ୍ତ ଶିଶୁଙ୍କ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ ଅଟେ, କାରଣ ଏହି ସମୟରେ ପ୍ରାୟ ୮୦ ଭାଗରୁ ଅଧିକ ମସ୍ତିଷ୍କ ବିକାଶ ହୋଇସାରିଥାଏ ଏବଂ ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ ,ପୋଷଣ, ଲାଳନ ପାଳନ, ଶିକ୍ଷଣୀୟ ଅନୁଭୂତି ଇତ୍ୟାଦିରେ ଏହା ଭଲ ଭାବେ ବିକଶିତ ହୋଇ ପାରିଥାଏ । ଆମ ରାଜ୍ୟର ସମସ୍ତ କୁନି ପିଲାଙ୍କ ଆଗାମୀ ଭବିଷ୍ୟତକୁ ଦୃଷ୍ଟିରେ ରଖି 'ଆମ କୁନି ପିଲା' ନାମକ ଏକ ପ୍ରକଳ୍ପ ସମଗ୍ର ରାଜ୍ୟବାସୀଙ୍କ ନିମନ୍ତେ ଉତ୍ସର୍ଗୀକୃତ କରାଯାଉଛି । ଏଥିରେ ଶିଶୁଙ୍କ ଉଚିତ ଲାଳନପାଳନ ସହ ସେମାନଙ୍କ ନିମନ୍ତେ ଆଦ୍ୟ ଉଦ୍ଦୀପନା, ଶିକ୍ଷଣୀୟ ପରିବେଶ ଯାହା ସୁରକ୍ଷିତ ଓ ନିରାପଦ ହୋଇଥିବ ସେଥିପ୍ରତି ପ୍ରାଧାନ୍ୟ ଦିଆଯାଇଛି

ଏହି ପରିପ୍ରେକ୍ଷୀରେ ସମସ୍ତ ଅଙ୍ଗନବାଡି କର୍ମୀଙ୍କ ନିମନ୍ତେ 'ସୁଖଦ ଲାଳନ ପାଳନ' ନାମକ ଫ୍ଲିପ୍ ବହି ଲୋକାର୍ପଣ କରାଯାଉଅଛି । ଆଶା କରୁଛି ଯେ ଏହା ସମସ୍ତଙ୍କ ପାଇଁ ଶିକ୍ଷଣୀୟ ହେବ ଏବଂ ଏହା ମାଧ୍ୟମରେ ଆମେ ଶିଶୁଙ୍କ ବିକାଶ କ୍ଷେତ୍ରରେ ସଠିକ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବା । ଆମ ବିଭାଗର ସମସ୍ତ ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ କର୍ମୀମାନଙ୍କୁ ଶୁଭେଚ୍ଛା ଜଣାଉଛି ।

(ପ୍ରଭାତୀ ପରିଡ଼ା)

## ଶ୍ରୀମତୀ ଶୁଭା ଶର୍ମା, ଭା.ପ୍ର.ସେ.

ପ୍ରମୁଖ ଶାସନ ସଚିବ
ମହିଳା ଓ ଶିଶୁ ବିକାଶ ବିଭାଗ,
ଓଡିଶା ସରକାର



### ବାର୍ତ୍ତା

ଶୈଶବାବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଏବଂ ଜନ୍ମରୁ ତିନି ବର୍ଷ ବୟସ ଅତ୍ୟନ୍ତ ସମ୍ବେଦନଶୀଳ ସମୟ ଅଟେ । ଏହି ସମୟରେ ଶିଶୁଙ୍କ ନିମନ୍ତେ ଏକ ଉତ୍ତମ ପରିବେଶ ଯୋଗାଇ ଦେବା ସହିତ କିଛି ଶିକ୍ଷଣୀୟ ଉପକରଣ ଦେବାର ବହୁତ ଆବଶ୍ୟକତା ରହିଛି ଯାହା ତାକୁ ଖୁସି ଦେବା ସହ ଶିକ୍ଷା ମଧ୍ୟ ଦେବ । ବିକାଶର ସ୍ତର ଓ ବୟସ ଅନୁଯାୟୀ ବିଭିନ୍ନ ଖେଳଣା ସହ ଖେଳିବା ଦ୍ୱାରା ଶିଶୁଙ୍କ ବୌଦ୍ଧିକ, ଶାରିରୀକ, ସାମାଜିକ, ଓ ଭାବନାତ୍ମକ ବିକାଶ ଗୁଡିକ ତ୍ୱରାନ୍ୱିତ ହୋଇଥାଏ, ଫଳରେ ସେମାନଙ୍କ ମଧ୍ୟରେ ଶିଖିବାର ଆଗ୍ରହ ଓ କିଛି ନୂଆ କରିବାର ଉତ୍ସାହ ଜାଗ୍ରତ ହୁଏ ଯାହା ସାରା ଜୀବନ ପାଇଁ ରହିଥାଏ । ଆମ ରାଜ୍ୟର ୩ ବର୍ଷରୁ କମ୍ ସମସ୍ତ ଶିଶୁଙ୍କ ଆଗାମୀ ଭବିଷ୍ୟତକୁ ଦୃଷ୍ଟିରେ ରଖି **'ଆମ କୁନି ପିଲା'** ନାମକ ଏକ ପ୍ରକଳ୍ପ ସମଗ୍ର ରାଜ୍ୟବାସୀଙ୍କ ନିମନ୍ତେ ଉତ୍ସର୍ଗୀକୃତ କରାଯାଉଛି । ଏଥିରେ ରାଜ୍ୟର ସମସ୍ତ ଅଙ୍ଗନବାଡି କର୍ମୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି, ଜନ୍ମରୁ ତିନି ବର୍ଷ ବୟସ ବର୍ଗର ସମସ୍ତ ଶିଶୁଙ୍କ ଅଭିଭାବକ / ଯତ୍ନପ୍ରଦାନକାରୀଙ୍କୁ ଶିଶୁଙ୍କ ମସ୍ତିଷ୍କ ବିକାଶ, ଉଚିତ ଲାଳନପାଳନ, ଆଦ୍ୟ ଉଦ୍ଦୀପନା ଓ ଶିକ୍ଷଣୀୟ ପରିବେଶ ସୃଷ୍ଟି କରିବା ଇତ୍ୟାଦି ବିଷୟରେ ସଚେତନ କରିବା ସହ ପ୍ରତ୍ୟେକ ଗ୍ରାମ ସ୍ତରରେ ଶିଶୁପ୍ରିୟ **'ଆମ ଖେଳଣା ଘର'** ନିମନ୍ତେ ଏକ ସୁନ୍ଦର ପରିବେଶ ସୃଷ୍ଟି କରାଯିବ।

ଏହି ପରିପ୍ରେକ୍ଷୀରେ ସମସ୍ତ ଅଙ୍ଗନବାଡି କର୍ମୀଙ୍କ ନିମନ୍ତେ **'ସୁଖଦ ଲାଳନ ପାଳନ'** ନାମକ ଫ୍ଲିପ୍ ବହି ଲୋକାର୍ପଣ କରାଯାଉଅଛି । ଆମେ ଆଶା କରୁଛୁ ଯେ ଏହା ସମସ୍ତଙ୍କ ପାଇଁ ଶିକ୍ଷଣୀୟ ହେବ ଏବଂ ଏହା ମାଧ୍ୟମରେ ଆମେ ଶିଶୁଙ୍କ ବିକାଶ କ୍ଷେତ୍ରରେ ସଠିକ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବା । ଆମ ବିଭାଗର ସମସ୍ତ ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ କର୍ମୀମାନଙ୍କୁ ଶୁଭେଚ୍ଛା ଜଣାଉଛି ।

ଆମ ବିଭାଗ ପ୍ରତ୍ୟେକ ଶିଶୁର ଅନ୍ତଃର୍ନିହିତ ବିକାଶ ଏବଂ ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ସର୍ବଦା ଚେଷ୍ଟିତ ।

ଶୁଭା ଶର୍ମା

(ଶ୍ରୀମତୀ ଶୁଭା ଶର୍ମା)



ବାପା ପରିବେଶ ସହିତ ଶିଶୁକୁ ପରିଚିତ କରାଉଛନ୍ତି

ଜେଜେବାପା ନାତିକୁ ଗେଲ କରୁଛନ୍ତି





ମାଆ ଶିଶୁକୁ ରୋଷେଇ ସମୟରେ
ବାସନ ସହ ପରିଚିତ କରାଇ ଖେଳାଉଛନ୍ତି

ମାଆ ଶିଶୁକୁ ଗାଈକୁ ଆଦର କରିବାରେ
ସହଯୋଗ କରୁଛନ୍ତି





ଜେଜେବାପା ଓ ଜେଜେମାଆ
ଶିଶୁ ସହିତ ଖେଳୁଛନ୍ତି



ମାଆ ରୋଷେଇ କରିବା ସମୟରେ
ଛୁଆକୁ ଅଟା ଓ ବାସନ ସହ ଖେଳାଉଛନ୍ତି



ଜେଜେବାପା ନାତି ସହିତ ବଲ୍ ଖେଳୁଛନ୍ତି



ମା ଘର କାମ କଲାବେଳେ ଛୁଆସହ କଥାବାର୍ତ୍ତା ହେଉଛନ୍ତି



ଝିଅଟି ବାପାଙ୍କ ସହ ଆଦରରେ
ଗେଲ ହେଉଛି



ବାପାଙ୍କ ଉପସ୍ଥିତିରେ ଶିଶୁଟି ବିଲେଇ
ସହ ଖେଳୁଛି



ମାଆ ଶିଶୁଟିକୁ ବୁଲେଇ ବୁଲେଇ
ପକ୍ଷୀ ଗୁଡିକୁ ଦେଖାଉଛନ୍ତି

ଶିଶୁଟି ଜେଜେଙ୍କ ସହ ବାହାରକୁ
ବୁଲିବାକୁ ଯାଉଛି





ମାଆଙ୍କ ଉପସ୍ଥିତିରେ ଶିଶୁଟି ଝୁମର
ସହିତ ମଜାରେ ଖେଳୁଛି



ଶିଶୁଟି ବାପାଙ୍କ ସହ
ଲୁଚକାଳି  ଖେଳୁଛି



ମାଆ ଶିଶୁକୁ ଚାଲିବା ଶିଖାଉଛନ୍ତି

ଶିଶୁଟି ବଡ ଭଉଣୀ ସହିତ ଖେଳୁଛି





ଶିଶୁଟି ଜେଜେମାଆ ଜେଜେବାପାଙ୍କ
ସହ ଖେଳୁଛି

ଶିଶୁଟି ନିଜ ପରିବାର ସହିତ ବସି
ପନିପରିବାକୁ ଚିହ୍ନିବା  ଖେଳ ଖେଳୁଛି





ମାଆ ପିଲାକୁ ଗାଧୋଇବା
ଶିଖାଉଛନ୍ତି



ଶିଶୁଟି ବାପାଙ୍କ ଉପସ୍ଥିତିରେ
ଛେଳି ଛୁଆ ସହିତ ଖେଳୁଛି



ଶିଶୁଟି ଜେଜେବାପାଙ୍କ ସହାୟତା ରେ
ଚାଲିବା ଶିଖୁଛି

ଶିଶୁଟି ବାପା ଓ ମାଆ ଙ୍କ
ସହିତ ବସି ଛବି ବହି ଦେଖୁଛି





ଜେଜେବାପା ନାତୁଣୀକୁ ବାହାରକୁ
ବୁଲାଇ ନେଉଛନ୍ତି



ବାପା ଶିଶୁକୁ କାନ୍ଧରେ
ବସାଇ ବୁଲାଉଛନ୍ତି



ଶିଶୁଟି ବାପା ଓ ବଡ ଭଉଣୀ ସହ ଖେଳୁଛି

ଜେଜେବାପା ଓ ମାଆ ଶିଶୁକୁ ଛବି ସହ
ପରିଚିତ କରାଉଛନ୍ତି





ଶିଶୁ ଜେଜେମାଆ ସହ କଣ୍ଢେଇ
ଖେଳ ଖେଳୁଛି



ଶିଶୁଟି ମାଆଙ୍କ ଉପସ୍ଥିତିରେ
ପାର୍କରେ ଖେଳୁଛି



ଶିଶୁଟି ବଡ ଭାଇ ଭଉଣୀ
ଗହଣରେ ଖେଳୁଛି

ମାଆ ଶିଶୁକୁ କାଖରେ ଧରି ପରିବେଶ ସହିତ
ପରିଚିତ କରାଉଛନ୍ତି





ମାଆ ଶିଶୁକୁ ଖୁଆଇବା ସମୟରେ
ପନିପରିବା ସହିତ  ପରିଚିତ
କରାଉଛନ୍ତି



ମାଆଟି ରୋଷେଇ କରିବା ସମୟରେ ମଧ୍ୟ
ଆଦରରେ ଶିଶୁ ସହ କଥା ହେଉଛି



ଶିଶୁଟି ମାଆଙ୍କୁ ବାସନ  ଗୁଡିକ
ସଜାଇ ରଖିବାରେ ସହାୟତା କରୁଛି

ଜେଜେବାପା ଶିଶୁକୁ ଚିତ୍ର
ଦେଖାଇ ଗପ କହୁଛନ୍ତି





ମାଆ ଶିଶୁକୁ ରୁଟି ତିଆରି କରିବା ସମୟରେ
ଅଟାରୁ କିପରି ରୁଟିତିଆରି ହେଉଛି କହୁଛନ୍ତି



ଜେଜେମାଆ ଶିଶୁ ମାନଙ୍କୁ ଆଦରରେ
ଗପ ଶୁଣାଉଛନ୍ତି



ମାଆଙ୍କ ଉପସ୍ଥିତିରେ ପିଲାଟି  ବିଭିନ୍ନ
ଖେଳଣା ସହ ଖେଳୁଛି

ଶିଶୁଟିକୁ ତାର ମାଆ
ଗୀତ ଗାଇ ଶୁଣାଉଛନ୍ତି





ବାପା ଶିଶୁକୁ ପେଣ୍ଟ ପିନ୍ଧାଉଛନ୍ତି



ଜେଜେମାଆ ଶିଶୁକୁ ନିଜର ପାଳିତ
ବିଲେଇ ସହ ପରିଚିତ କରାଉଛନ୍ତି



ମାଆ ଶିଶୁକୁ ଆଦରରେ
ଗେଲ କରୁଛନ୍ତି



ଶିଶୁଟି ବଡ ଭଉଣୀ
ସହ ବସି ଖେଳୁଛି



ପିଉସୀଙ୍କ ହାତ ଧରି ପିଲାଟି
ପାହାଚ ଚଢିବା ଶିଖୁଛି



ମାଆ ବିଶ୍ରାମ ନେଉଥିବା ସମୟରେ
ବାପା ଛୁଆକୁ ଖେଳାଉଛନ୍ତି



ମାଆ ଶିଶୁକୁ ପାଳିତ ଛେଳି ଛୁଆକୁ
ଆଦର କରିବାକୁ ଦେଉଛନ୍ତି



ବାପାଙ୍କ ଉପସ୍ଥିତି ରେ ଶିଶୁଟି ତିନି ଚକିଆ
ଶଗଡ ବ୍ୟବହାର କରି ଚାଲିବା  ଶିଖୁଛି



ଜେଜେମାଆ ଶିଶୁକୁ କୋଳରେ ଧରି
ନାନା ବାୟା ଗୀତ ଶୁଣାଉଛନ୍ତି



ମାଆ ଶିଶୁକୁ ଦୋଳିରେ ଝୁଲାଉଛନ୍ତି



ପିଉସୀ ଙ୍କ  ଉପସ୍ଥିତିରେ ଶିଶୁଟି
ବଡ ପିଲାଙ୍କ ସହ ଖେଳୁଛି



ବାପା ଛୁଆ କୁ ଧରି ଆଦରରେ
ଗେଲ କରି ଖେଳାଉଛନ୍ତି

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

Van Leer
FOUNDATION